ପିଲାଙ୍କ ଧରିତ୍ରୀ

ଶନିବାର, ୧୩ ଏପ୍ରିଲ, ୨୦୨୪



# ବୈଶାଖୀ ପର୍ବ

ଗପ

ଆଈ ବାପିକୁ ଡାକି କହିଲେ ଚାଲ ଯିବା ଆଜି ଲିପନ ଘରକୁ । ତା ଜେଜେମାଆ ଡାକିଛନ୍ତି । ବାପି କହିଲା ଆଈ ଯିବି ଯେ ବାଟରେ ମତେ ଖାଇବାକୁ ଦେବୁ! ଆଈ କହିଲେ ତୋତେ ଆଜି ବଢ଼ିଆ ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ଦେବି ଯେ ଆଗରୁ କେବେ ଖାଇନଥିବୁ । କିନ୍ତୁ ଆଈ ସିଧା ଯାଇ ଲିପନ ଘରେ ପହଁଚିଲେ। ବାପି ଦେଖିଲା ଲିପନର ଘର ସୁନ୍ଦର ସଜା ହୋଇଛି । ଲିପନ ଓ ତାଙ୍କ ପରିବାର ଲୋକେ ମଥାରେ ପଗଡ଼ି, କୁର୍ତ୍ତା, କୋଟ୍, ଟ୍ରାଉଜର ଇତ୍ୟାଦି ପିନ୍ଧିଥିଲେ ଓ ଅଣ୍ଟାରେ ତରବାରୀ ରଖିଥିଲେ । ବାପି ଲିପନକୁ କହିଲା ଆଜି କଣ ପୁରା ଶିଖ୍ ବେଶରେ? ଆଈ କିଛି କହିବା ପୂର୍ବରୁ ଲିପନ କହିଲା ଶୁଣ ମୁଁ କହୁଛି ।

ଶିଖମାନଙ୍କ ଦଶମ ଗୁରୁ ହେଉଛନ୍ତି ଗୁରୁ ଗୋବିନ୍ଦ ସିଂ । ଥରେ ତାଙ୍କ ଡାକରାରେ ପ୍ରାୟ ପଚାଶ ହଜାର ଲୋକ ଆସିଲେ । ଗୁରୁଙ୍କ ମଧୁରବଚନ ଓ ସାଧୁ ବାଣୀ ଶୁଣିବାକୁ ସମସ୍ତେ ଅପେକ୍ଷା କରିଥିଲେ। ଗୁରୁ ରହୁଥିବା ତମ୍ବୁ ଭିତରୁ ବାହାରକୁ ଆସି କହିଲେ ମୁଁ ଗୋଟିଏ ମୁଣ୍ଡ ଚାହେଁ । ସବୁ ଲୋକ ଆଶ୍ଚର୍ଯ୍ୟ ହୋଇଗଲେ । ଏହି କଥା ଗୁରୁ ବାରମ୍ବାର କହିବା ପରେ ଲାହୋରର ଦୟା ରାମ ବୋଲି ଜଣେ ବ୍ୟକ୍ତି ଆଗକୁ ଆସିଲେ। ଗୁରୁ ତାକୁ ତାଙ୍କର ତମ୍ବୁ ଭିତରକୁ ନେଇଗଲେ। ଏବଂ କିଛି



ସମୟ ପରେ ରକ୍ତ ଜୁଡୁବୁଡୁ ତରବାରୀକୁ ଧରି ବାହାରକୁ ଆସିଲେ । ଏହାପରେ ଅନ୍ୟ ଏକ ମୁଣ୍ଡ ଦାବୀ କଲେ। ଏହାପରେ ଜାଟ ସଂପ୍ରଦାୟର ଧରମ ଦାସ ଆଗକୁ ଗଲେ। ତାଙ୍କୁ ମଧ୍ୟ ତମ୍ବୁ ଭିତରକୁ ନେଲେ ଓ ପୁଣି ଆଉ ୩ଟି ମୁଣ୍ଡ ପାଇଁ କହିଲେ। ଏହାପରେ ଜଣେ ସଫେଇ କାର୍ଯ୍ୟ କରୁଥିବା ବ୍ୟକ୍ତି ମୋକାମ ଚାନ୍ଦ, ଜଣେ ବାରିକ ସାହିବ ଚାନ୍ଦ, ଜଣେ ଜଳ ବାହକ ହିମତ ରାୟ ଗୁରୁଙ୍କ ନିକଟକୁ ଗଲେ। ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ ଯେ ଗୁରୁ ଏମିତି ଆଉ କେତେ ଲୋକଙ୍କୁ ବଳିଦେବେ ?

କିଛି ସମୟ ପରେ ଗୁରୁ ସେହି ପାଞ୍ଚ ଜଣ ବ୍ୟକ୍ତିଙ୍କୁ ସାଙ୍ଗରେ ନେଇ ଆସିଲେ। ସେମାନେ ସମସ୍ତେ ସୁସ୍ଥ ଓ ଜୀବିତ ଥିଲେ। ଗୁରୁ କହିଲେ ଏହା ଏକ ପରୀକ୍ଷା ଥିଲା । ଏହି ପରୀକ୍ଷାରୁ ଜଣାପଡିଲା ଯେ ପଚାଶ ହଜାର ଲୋକଙ୍କ ମଧ୍ୟରୁ କେବଳ ଏହି ପାଞ୍ଚଜଣ ବିଶ୍ୱାସ ଓ ସାହସର ପ୍ରତୀକ। ଗୁରୁଙ୍କର ପ୍ରିୟ ପାଞ୍ଚ ଜଣଙ୍କୁ ପାଞ୍ଚପରସ ଓ ପ୍ରଥମ ଖାଲସା ବୋଲି କୁହାଗଲା । ବୈଶାଖ ମାସର ପ୍ରଥମ ଦିନ ଏହି ଖାଲସା ଭାଇଚାରାର ଜନ୍ମ ହେଲା । ତେଣୁ ଏହି ଦିନକୁ ଧୁମଧାମରେ ପାଳନ କରାଯାଏ। ଏହା ମଧ୍ୟ ଆମର ଅମଳ ପର୍ବ ବୋଲି କହି ଲିପନ ବାପିକୁ ଏକ ଥାଳିରେ ବଢ଼ାଯାଇଥିବା ପାରମ୍ପରିକ ପଞ୍ଜାବୀ ଖାଦ୍ୟ ସୋରିଷ ଶାଗ, ମକ୍କା ରୁଟି, କଢ଼ି, ହଳଦିଆ ମିଠା ଅନ୍ନ, ଆମ୍ବ ଲସି, ଫିରନି ଇତ୍ୟାଦି ଆଣି ଦେଲା । ବାପି ଏସବୁ ଖାଦ୍ୟ ଦେଖି ବହୁତ ଖୁସି ହୋଇଗଲା । ସ୍ୱାଦିଷ୍ଟ ଖାଦ୍ୟ ଖାଇ ଆଈକୁ କହୁଥିଲା ବୈଶାଖୀ କଣ ଆଜି ଜାଣିଲି ।

**– ଶୁଭନାରାୟଣ ଶତପଥୀ**

ବିଜିପୁର, ବ୍ରହ୍ମଗିରି, ପୁରୀ, ମୋ: ୯୪୩୮୪୩୨୦୨୩

## ଖିଲି ଖିଲି ହସ

ଶିକ୍ଷକ : ମୁଁ କାଲି ସୂର୍ଯ୍ୟଙ୍କ ଉପରେ ପଢ଼ାଇବି, କେହି କ୍ଲାସ ବନ୍ଦ କରିବନି !
ଚିଣ୍ଟୁ: ସାର୍, ମୁଁ ଆସିପାରିବନି।
ଶିକ୍ଷକ: କାହିଁକି ?
ଚିଣ୍ଟୁ: ମୋ, ମା' ମୋତେ ଏତେ ଦୂରକୁ ଛାଡିବେନି।

ପୁଅ ବାପାକୁ କହିଲା-ମୋତେ ତମ କାର୍ ଚାବି ଦିଅ ମୁଁ କଲେଜ ନେଇ ଗଲେ ମୋର ଇଜତ ବଢ଼ିବ।
ବାପା: ନେ ୧୦ଟଙ୍କା, ତୁ ୧୦ଲକ୍ଷ ଟଙ୍କାର କାର୍ ନେଇ ଗଲେ ଇଜତ ବଢ଼ିବ ନା ୩୦ଲକ୍ଷ ଟଙ୍କାର ବସ୍‌ରେ ଗଲେ ଇଜ୍ଜତ ବଢ଼ିବ!

(ରିଙ୍କୁ ମଣ୍ଟୁ ମଧ୍ୟରେ କଥାବାର୍ତ୍ତା)
ରିଙ୍କୁ : ତୋ ଭାଇ ଏବେ କ'ଣ କରୁଛି ?
ମଣ୍ଟୁ: ସେ ଗୋଟେ ଦୋକାନ ଖୋଲିଥିଲା,ହେଲେ ସେ ଏବେ ଜେଲ୍‌ରେ।
ରିଙ୍କୁ : ହେଲେ କାହିଁକି ?
ମଣ୍ଟୁ: ଭାଇ ଦୋକାନକୁ ହାତୁଡ଼ିରେ ଭାଙ୍ଗି ଖୋଲିଥିଲା।।

# ଦାନ ତା ମହାନ୍



ଦେଶର ସମ୍ବିଧାନପ୍ରଣେତାଭାବେ ଚିର ସ୍ମରଣୀୟ ହୋଇ ରହିଛନ୍ତି ଡ. ଭୀମରାଓ ଆମ୍ବେଡକର। ଏହି ମହାନ୍ ଜନନାୟକଙ୍କ ପିଲାଦିନ ଥିଲା ଅତ୍ୟନ୍ତ ସଂଘର୍ଷମୟ। ୧୮୯୧ ଏପ୍ରିଲ ୧୪ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ରାମଜୀ ସାକପାଲ ଓ ମାତା ଥିଲେ ଭୀମା ବାଈ।

ଗାଁ ଚାଟଶାଳୀରୁ ଭୀମ ରାଓଙ୍କ ପାଠପଢ଼ା ଆରମ୍ଭ ହୋଇଥିଲା। ସେତେବେଳେ ସମାଜରେ ଛୁଆଁ ଅଛୁଆଁର ଭେଦଭାବ ଖୁବ୍ ଥିଲା। ତେଣୁ ତାଙ୍କୁ ଚାଟଶାଳୀର ବାରଣ୍ଡାରେ ବସି ପାଠ ପଢ଼ିବାକୁ ପଡୁଥିଲା। ଶୋଷ ଲାଗିଲେ ବି ପାଣି ମାଠିଆରୁ ତାଙ୍କୁ ପାଣି ଆଣିବାର ଅନୁମତି ନ ଥିଲା। ସ୍କୁଲ ପିଅନ ତାଙ୍କୁ ଦୂରରୁ ପାଣି ଢାଳି ଦେଉଥିଲେ। ଶଗଡ଼ରେ ଯିବା ଆସିବା କରିବା ପାଇଁ ତାଙ୍କୁ ଅନୁମତି ନ ଥିଲା। ପିଲାବେଳୁ ଏସବୁ ସାମାଜିକ ବାଛବିଚାର ତାଙ୍କ ମନରେ ଗଭୀର ଆଘାତ ଦେଉଥିଲା।

ପାଞ୍ଚବର୍ଷ ବୟସରେ ସେ ମା'ଙ୍କୁ ହରାଇଥିଲେ। ପରେ ବାପାଙ୍କ ସହ ବମ୍ବେ ଆସି ବହୁ କଷ୍ଟରେ ମାଟ୍ରିକ ପାସ୍ କଲେ। ଏହାପରେ ୧୫ ବର୍ଷ ବୟସରେ ତାଙ୍କୁ ରମା ବାଈଙ୍କ ସହ ବିବାହ କରାଇ ଦିଆ ଯାଇଥିଲା। ଦାରିଦ୍ର୍ୟ ସତ୍ତ୍ୱେ ଅନେକ କଷ୍ଟରେ ସେ ବିଏ ପାସ କଲେ। ୧୯୧୨ ରେ ସେ ଅର୍ଥନୀତି ଓ ରାଜନୀତି ବିଜ୍ଞାନରେ ଡିଗ୍ରୀ ଲାଭ କରିଥିଲେ। ଏହାପରେ ତାଙ୍କୁ ତାଙ୍କ ସମ୍ପ୍ରଦାୟର ଲୋକେ ତଥା ଅନ୍ୟମାନେ ସ୍ୱତନ୍ତ୍ରଭାବେ ସମ୍ମାନିତ କରିଥିଲେ। ତା'ପରେ ବରୋଦା ରାଜାଙ୍କ ସହାୟତାରେ ସ୍କଲାରଶିପ୍ ପାଇ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ପଢ଼ିବାର ସୁଯୋଗ ପାଇଥିଲେ। ସେହିଠାରୁ ସେ ଅର୍ଥନୀତିରେ ପିଏଚ୍‌ଡି ଡିଗ୍ରୀ ଲାଭ କରି ଦେଶ ବିଦେଶରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ପରେ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରୁ ବାରିଷ୍ଟରି ପାସ୍ କଲେ।

ବିଦେଶରେ ପିଏଚ୍‌ଡି ଡିଗ୍ରୀ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ। ତେବେ ଭାରତ ଫେରି ସେ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଅବହେଳିତ ନିଷ୍ପେଷିତଙ୍କ ଅଧିକାର ପାଇଁ ଲଢେଇ ଆରମ୍ଭ କଲେ। ଲୋକଙ୍କ ସେବା କରିବା ପାଇଁ ରାଜନୀତିରେ ଯୋଗଦେଲେ। ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ, ବିଦ୍ୱାନ ରାଜନେତା ତଥା ସମାଜ ସୁଧାରକଭାବେ ତାଙ୍କର ଅବଦାନ ଅତୁଳନୀୟ। ଏଥିପାଇଁ ତାଙ୍କୁ ମରଣୋତ୍ତରଭାବେ ଭାରତ ରତ୍ନ ଉପାଧି ମିଳିଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଆମ ଦେଶପାଇଁ ସମ୍ବିଧାନ ପ୍ରସ୍ତୁତ କରି ଯେଉଁ ବହୁମୂଲ୍ୟ ଉପହାର ଦେଇଯାଇଛନ୍ତି ସେଥିପାଇଁ ସବୁଦିନ ଅମର ରହିବେ ଡ. ବି.ଆର. ଆମ୍ବେଡକର।

**-ମୀରା ବେହେରା, ଦେଉଳିସାହି, କଟକ**

ମୋ: ୭୮୪୬୯୨୧୪୦୦

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ମତାମତ

▸▸ ଗତ ସପ୍ତାହରେ ପ୍ରକାଶିତ 'ପରୀକ୍ଷା ପରେ..' ପଢ଼ି କିଛି ନୂଆ କଥା ଜାଣି ହେଲା ।

**-ଅନନ୍ୟା ସାହୁ, ଢେଙ୍କାନାଳ**

▸▸ 'ଜଣା ଅଜଣା' ପୃଷ୍ଠାରେ ପ୍ରକାଶ ପାଉଥିବା ବିଷୟଗୁଡ଼ିକ ଶିକ୍ଷଣୀୟ ହୋଇପାରୁଛି ।

**-ଅମନ କୁମାର ଦାସ, ରାଉରକେଲା**

▸▸ ଗତ ସପ୍ତାହରେ 'ତୁମ ତୁଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ହୋଇଥିଲା ।

**-ତୁଷାରକାନ୍ତ ପରିଡ଼ା, ସୁନାବେଡ଼ା, କୋରାପୁଟ**

▸▸ ଗତ ଥର ପ୍ରକାଶିତ 'ଯେମିତି କାମ ସେମିତି ଫଳ ' ଗପଟି ବେଶ୍ ଶିକ୍ଷଣୀୟ ।

**-ପ୍ରଣତି ରାଉତ, ପାରାଦୀପ, ଜଗତସିଂହପୁର**

▸▸ 'ପିଲାଙ୍କ ଧରିତ୍ରୀ'ରେ ପ୍ରକାଶିତ ଗପ, କବିତା, ଜଣାଅଜଣା ପଢ଼ିବାକୁ ମୋତେ ଭାରି ଭଲ ଲାଗିଥାଏ ।

**-ପ୍ରୀତମ ନନ୍ଦ, ବାଲେଶ୍ୱର**

## ରଙ୍ଗ ଦିଅ



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**

dharitrifeature@gmail.com

**ପିଲାଟିଏ ସାଙ୍ଗସାଥୀ ଚୟନ କରିବା ପୂର୍ବରୁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ଜାଣନ୍ତୁ ସେ ସମ୍ପର୍କରେ...**



# ସାଙ୍ଗ

ପିଲାମାନେ ସାଙ୍ଗସାଥୀ ହେବା କିଛି ନୂଆ କଥା ନୁହେଁ। ସ୍କୁଲ ଜୀବନ ଆରମ୍ଭରୁ କ୍ଲାସ୍‌ରେ ପରସ୍ପର ସହ କଥାବାର୍ତ୍ତାରୁ ଆରମ୍ଭ ହୋଇଥାଏ ଏହି ସମ୍ପର୍କ। ପରବର୍ତ୍ତୀ ସମୟରେ କ୍ଲାସ୍ ବଢ଼ିବା ସହ ଏହି ସମ୍ପର୍କ ଆହୁରି ଦୃଢ଼ ହୋଇଥାଏ। କିନ୍ତୁ କେତେକ ପିଲା ନିଜକୁ ସାଙ୍ଗସାଥୀଙ୍କଠାରୁ ଦୂରେଇ ରଖିଥାଆନ୍ତି। ମାତାପିତା ପିଲାଙ୍କୁ ଜୀବନ ସହ ଜଡ଼ିତ ସବୁ ବିଷୟରେ ଶିକ୍ଷା ଦେଇଥାନ୍ତି। କିନ୍ତୁ ବେଳେବେଳେ ପିଲାମାନଙ୍କ ସହ ସାଙ୍ଗ ହେବାକୁ ସେମାନେ ବାରଣ କରନ୍ତି। ଅବଶ୍ୟ ଏହା ପଛରେ କିଛି କାରଣ ନିଶ୍ଚୟ ରହିଥାଇପାରେ। ହେଲେ ଏହାଦ୍ୱାରା ପିଲାଟି ଅନ୍ୟ ପିଲାଙ୍କୁ ନିଜର ସାଙ୍ଗ ଭାବରେ ଗ୍ରହଣ କରିବା ପୂର୍ବରୁ ମା'ବାପାଙ୍କ କଥା ମନେପକାଇଥାଏ। ଫଳରେ ସତେଯେମିତି ସେ ଏକ ଗୋଲକଧନ୍ଦାରେ ଫସିଯାଏ। ବର୍ତ୍ତମାନ ସାଙ୍ଗସାଥୀର ମହତ୍ତ୍ୱ କେତେ ତାହା କହିବା ଅନାବଶ୍ୟକ। କାରଣ ପାଠପଢ଼ାରେ ଏଭଳି ସମ୍ପର୍କରେ ଅନେକାଂଶରେ ସହାୟକ ହୋଇଥାଏ। କିନ୍ତୁ ସାଙ୍ଗସାଥୀ ସୃଷ୍ଟି କରିବା ପୂର୍ବରୁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ଜରୁରୀ।

## ମହତ୍ତ୍ୱ

ସାଙ୍ଗ ଶବ୍ଦ ପଛରେ ଅନେକ ମହତ୍ତ୍ୱ ରହିଛି। ଯାହାକୁ ତାହାକୁ ଏହି ତାଲିକାଭୁକ୍ତ କରିଦେଲେ ଚଳିବ ନାହିଁ। ସେମାନଙ୍କର ଆଚାର ବ୍ୟବହାର, ଚାଲିଚଳନ ପ୍ରତି ନଜର ଦେବା ଦରକାର। ତେଣୁ କାହାକୁ ସାଙ୍ଗ ଭାବରେ ଗ୍ରହଣ କରିବା ପୂର୍ବରୁ ଏହି ଶବ୍ଦର ପ୍ରକୃତ ଅର୍ଥକୁ ବୁଝନ୍ତୁ।

## ସାଙ୍ଗ ଚୟନ

ଯାହାକୁ ସାଙ୍ଗ ଭାବରେ ଗ୍ରହଣ କରିବାକୁ ଯାଉଛ ତାଙ୍କ ବିଷୟରେ ଭଲ ଭାବରେ ପ୍ରଥମେ ବୁଝିବା ଦରକାର। ସେ ପିଲାଟି ଶାନ୍ତ, ଭଦ୍ର, ନମ୍ର ହୋଇଥିଲେ ତା'ଠାରୁ ତୁମେ କିଛି ଶିଖିପାରିବ। କେତେକ ଟାଇମ୍ ପାସ୍ ପାଇଁ ସାଙ୍ଗ ସୃଷ୍ଟି କରନ୍ତି। କେବଳ ବୁଲାଏ ଗପିବା ଏବଂ ଅଯଥାରେ ସମୟ ନଷ୍ଟ କରିବା ସେମାନଙ୍କ ଲକ୍ଷ୍ୟ। ତେଣୁ ଏଭଳି ସାଙ୍ଗସାଥୀଙ୍କଠାରୁ ନିଜକୁ ଦୂରେଇ ରଖିବା ଭଲ।

## ରୋଲ୍ ମଡେଲ

ଏଭଳି କେତେକ ସାଙ୍ଗ ଅଛନ୍ତି, ଯେଉଁମାନଙ୍କ ସହ ମିଶିଲେ ତୁମେମାନେ ଅନେକ କିଛି ଭଲ ଜିନିଷ ଶିଖିପାରିବ। ସେମାନଙ୍କ ପାଠପଢ଼ା ଶୈଳୀ, କଥାବାର୍ତ୍ତା, ବ୍ୟବହାର ଅନ୍ୟମାନଙ୍କୁ ପ୍ରଭାବିତ କରିଥାଏ। ଏଭଳି ପିଲାଙ୍କ ସହ ସାଙ୍ଗ ହେଲେ ଜଣେ ପିଲାର ଜୀବନଶୈଳୀ ବଦଳିଯାଏ। ସେ ନିଜକୁ ପାଠପଢ଼ା, ନୂଆ ନୂଆ ଜ୍ଞାନ ଆହରଣରେ ବ୍ୟସ୍ତ ରଖେ। ଏଭଳି ସାଙ୍ଗ ଅନ୍ୟମାନଙ୍କ ପାଇଁ ରୋଲ୍ ମଡେଲ ପାଲଟି ଯାଇଥାଆନ୍ତି।

**ଖରାପ ସାଙ୍ଗ :** କେତେକ ପିଲାଙ୍କ ସହ ସାଙ୍ଗ ହେଲେ ସେମାନେ ଏକ ଭିନ୍ନ ଧରଣର ଜୀବନ ବିତାଇ ଥାଆନ୍ତି। ଅନ୍ୟମାନଙ୍କୁ ସମ୍ମାନ ନ ଦେବା, ରୁକ୍ଷ ବ୍ୟବହାର କଥା କଥାରେ ଧମକ ଦେବା ଭଳି ଅନେକ ଖରାପ ଗୁଣ ସେମାନଙ୍କଠାରେ ପରିପୂର୍ଣ୍ଣ ହୋଇ ରହିଥାଏ। ତେଣୁ ଏଭଳି ସାଙ୍ଗଙ୍କଠାରୁ ନିଜକୁ ଦୂରେଇ ନିଅନ୍ତୁ।

ଏହାବ୍ୟତୀତ ନିମ୍ନଲିଖିତ ଆଉ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେଇପାରନ୍ତି।

⏭ ପିଲାକୁ ତା' ସାଙ୍ଗଙ୍କ ସହିତ କିଛି ସମୟ ବିତାଇବା ଲାଗି ମା'ବାପା ସୁଯୋଗ ଦିଅନ୍ତୁ। ଯଦି ପିଲା ତା' ସାଙ୍ଗ ସହିତ କୌଣସି ପାର୍କ କିମ୍ବା ଗ୍ରାଉଣ୍ଡରେ ଦେଖାକରିବାକୁ ଚାହେଁ, ତେବେ ତାକୁ ସେଥିଲାଗି ମୋଟିଭେଟ୍ କରନ୍ତୁ। ତା' ବୟସର ପିଲାଙ୍କ ଆକ୍ଟିଭିଟିରେ ଭାଗ ନେବା ଲାଗି ତାକୁ ସମୟ ଦିଅନ୍ତୁ।

⏭ ଆପଣ ନିଜ ପିଲାଙ୍କୁ ଶିଖାନ୍ତୁ ଯେ, ସେ ଯଦି କାହା ସହିତ ମିଶୁଛି ତେବେ ହସ ହସ ମୁହଁରେ ମିଶିବ। ଅନ୍ୟମାନଙ୍କ ପ୍ରତି ପିଲାଟିର ବ୍ୟବହାର କିପରି ରହୁଛି ଲକ୍ଷ୍ୟ କରିବା ଦରକାର।

⏭ ପିଲାଟି ଯଦି ଖରାପ ପିଲାଙ୍କ ସାଙ୍ଗରେ ସାଙ୍ଗ ହେଉଛି ଏବଂ ତାହାକୁ ମା'ବାପା ଜାଣିପାରିଲେଣି, ତେଣୁ ଏହି ସମୟରେ ପିଲାଟିକୁ ଆକଟ ନ କରି ଥଣ୍ଡା ମିଜାସ୍‌ରେ ବୁଝାନ୍ତୁ। କାରଣ ବେଳେବେଳେ ପିଲାମାନେ ଭଲ କଥାକୁ ଭୁଲ ଅର୍ଥରେ ବୁଝିଥାଆନ୍ତି। ତେଣୁ ପିଲାଟି ହୃଦୟଙ୍ଗମ କରିବା ଦରକାର ଯେ, ସେ ସବୁବେଳେ ଭଲ ପିଲାଙ୍କ ସହ ସାଙ୍ଗ ହେଲେ ତାହା ନିଜ ପାଇଁ ଭଲ।

⏭ ପିଲାକୁ ଶେୟାର କରିବାର କଳା ଘରେ ହିଁ ଶିଖାଇବା ଜରୁରୀ। ଏହିପରି ପିଲାକୁ ନିଜର ଖେଳନା, ବହି ଆଦି ଶେୟାର କରିବାର ମହତ୍ତ୍ୱ ଶିଖାନ୍ତୁ। ପିଲାଟି ନିଜର ଭାବପ୍ରବଣତାକୁ କିପରି ନିୟନ୍ତ୍ରଣରେ ରଖିବ ସେ ନେଇ ମଧ୍ୟ ଦୃଷ୍ଟି ଦିଅନ୍ତୁ।



## ଏମାନେ କ'ଣ କରନ୍ତି

### ଭଲ ସାଙ୍ଗଙ୍କୁ ଗୁରୁତ୍ୱ ଦିଏ



ମୁଁ ସବୁବେଳେ ଗୋଟିଏ କଥାକୁ ଗୁରୁତ୍ୱ ଦେଇଥାଏ। ଯାହା ସହ ସାଙ୍ଗ ହେବି, ତା'ଠାରୁ କିଛି ଭଲ କଥା ଶିଖିବି। ତେଣୁ ସବୁବେଳେ ଭଲ ସାଙ୍ଗମାନଙ୍କ ସହ ମିଶେ। ସେମାନଙ୍କ ସହ ପାଠପଢ଼ା, ସାଧାରଣ ଜ୍ଞାନ ଏବଂ ଶିଖିବା ଭଳି ବିଷୟରେ ଆଲୋଚନା କରେ। ଆମେ କେତେଜଣ ଭଲ ପିଲା ମିଶି ଏକ ଗ୍ରୁପ୍ କରିଛୁ। ଏଥିରେ କେବଳ ଆମେ ପାଠପଢ଼ା ବିଷୟରେ ଆଲୋଚନା କରୁ। ହୋମ୍‌ୱାର୍କ, ପ୍ରୋଜେକ୍ଟ ୱାର୍କ ଆଦିରେ ପରସ୍ପରକୁ ସହଯୋଗ କରୁ। ମୁଁ ସବୁବେଳେ ଅନ୍ୟମାନଙ୍କଠାରୁ ଭଲ କଥା ଶିଖିଥାଏ। ମୁଁ କେଉଁମାନଙ୍କ ସହ ସାଙ୍ଗ ହେଉଛି ଏବଂ ସେମାନଙ୍କଠାରୁ କ'ଣ ଶିଖିଛି, ସେ ବିଷୟରେ ମାମାଙ୍କ ସହ ବିଶଦ ଭାବରେ କଥା ହୁଏ। ଏପରି କି ସେମାନଙ୍କ ସହ ମାମାଙ୍କୁ ଅନେକ ଥର ଭେଟ ମଧ୍ୟ କରାଇଛି। ତେଣୁ ସାଙ୍ଗସାଥୀ ହେବାରେ ମୁଁ ସବୁବେଳେ ସତର୍କତା ଅବଲମ୍ବନ କରିଥାଏ।

**–ଅନୁଷ୍କା ଭାରତୀ,** କ୍ଲାସ୍–୭, ମଦର୍ସ ପବ୍ଲିକ୍ ସ୍କୁଲ, ପୁରୀ

### ଖରାପ ସାଙ୍ଗଙ୍କଠାରୁ ଦୂରେଇ ରହେ



କାହା ସହ ସାଙ୍ଗ ହେବା ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବା ନିହାତି ଦରକାର। ଏକଦା ଜଣେ ପିଲା ସହ ସାଙ୍ଗ ହୋଇ ମୁଁ ଅସୁବିଧାରେ ପଡ଼ିଥିଲି। ଏଭଳି ଭୁଲ୍ ପାଇଁ ଏବେ ବି ମୁଁ ଅନୁତାପ କରିଥାଏ। ତେଣୁ ମୁଁ ସବୁବେଳେ ଖରାପ ପିଲାଙ୍କଠାରୁ ନିଜକୁ ଦୂରେଇ ରଖେ। ଭଲ ପିଲାଙ୍କ ସହ ସାଙ୍ଗ ହେଲେ ଜଣେ ଅନେକ ଶିକ୍ଷଣୀୟ କଥା ଶିଖିପାରିବ। ହେଲେ ଖରାପ ପିଲାଙ୍କ ସହ ସାଙ୍ଗ ହେଲେ ଜୀବନ ନଷ୍ଟ ହୋଇଯିବ। ମୋର ଏଭଳି କେତେ ଜଣ ସାଙ୍ଗ ଅଛନ୍ତି, ଯେଉଁମାନେ ମୋତେ କେବଳ ପାଠପଢ଼ା ନୁହେଁ; ବିଭିନ୍ନ କ୍ଷେତ୍ରରେ ଅନେକ ସହାୟତା କରିଛନ୍ତି।

**–ସାଇ ସମ୍ବିତ୍ ପ୍ରିୟଦର୍ଶୀ,** କ୍ଲାସ୍–୧୦,
ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠ, କୋରାପୁଟ


ଦିବ୍ୟାଂଶ ଶତପଥୀ
କ୍ଲାସ- ୨, ଡିଏଭି ପବ୍ଲିକ ସ୍କୁଲ୍, ଇଫ୍‌କୋ, ପାରାଦୀପ
୧


ସତ୍ୟନାରାୟଣ ପାତ୍ର
କ୍ଲାସ- ୬, ପ୍ରଭୁଶ୍ରୀ ଇଂଲିଶ ମିଡିୟମ୍ ସ୍କୁଲ, ପୁରୀ
୨


ପ୍ରୀତି ପ୍ରଜ୍ଞା ପତି
କ୍ଲାସ- ୮, ଭି. ଏସ୍. ବିଦ୍ୟାଳୟ, ସୁନାବେଡା, କୋରାପୁଟ
୩


ଉପମିତା ଦାସ
କ୍ଲାସ- ୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପ୍ରୀତିପୁର, ଯାଜପୁର
୪


ପ୍ରିୟାଂଶୀ ପାତ୍ର
କ୍ଲାସ- ୪, ଓଡିଏମ୍ ପବ୍ଲିକ ସ୍କୁଲ, ପଟିଆ, ଭୁବନେଶ୍ୱର
୫


ଆକାଂକ୍ଷା ବାରିକ
କ୍ଲାସ- ୧, ଏମ୍. ବି. ଏସ୍. ପବ୍ଲିକ ସ୍କୁଲ, ଭୁବନେଶ୍ୱର
୬


ଜ୍ୟୋତିକ୍ରୀଷ୍ଣା ପୃଷ୍ଟି
କ୍ଲାସ- ୬, ଓଡିଶା ଆଦର୍ଶ ବିଦ୍ୟାଳୟ, ଜୁଆଳିଆ, ମୟୂରଭଞ୍ଜ
୭


ଶ୍ରେୟାସୀ ଦାସ
କ୍ଲାସ- ୫, କେନ୍ଦ୍ରୀୟ ବିଦ୍ୟାଳୟ-୨, ଭୁବନେଶ୍ୱର
୮



ଆଦ୍ୟାଶା ମହଲା
କ୍ଲାସ-୮, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ ୫, ଭୁବନେଶ୍ୱର
୯


ଓମ୍ ଋଦ୍ଧିକ୍ ସାହୁ
କ୍ଲାସ-୯, ଶ୍ରୀ ଅରବିନ୍ଦ ସ୍କୁଲ ଅଫ୍ ନିୟୁ ଥଟ୍, ମଧୁପାଟଣା, କଟକ
୧୦


୧


୨


୩



୭


୪


୫


୬


୮


୯


୧୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ବିଶ୍ୱର ଛୋଟ ୱାଶିଂ ମେଶିନ

ବେଳେବେଳେ ଲୋକେ ଏମିତି କିଛି କାମ କରନ୍ତି ଯାହା ସେମାନଙ୍କ ପ୍ରତିଭାର ପରିଚୟ ତ ଦେଇଥାଏ ତା' ସହ ରେକର୍ଡ କରିବାର ବି ସୁଯୋଗ ଦେଇଥାଏ। ଠିକ୍ ଏମିତି କିଛି କରି ଦେଖାଇଛନ୍ତି ଆନ୍ଧ୍ରପ୍ରଦେଶର ସାଇ ତିରୁମାଲାନିଧି। ସେ ତିଆରି କରିଛନ୍ତି ବିଶ୍ୱର ସବୁଠାରୁ ଛୋଟ ୱାଶିଂ ମେଶିନ। ସାଇଙ୍କର ୱାଶିଂ ମେଶିନଟି ମାତ୍ର ୧.୪୫ ଇଞ୍ଚ x ୧.୬୧ ଇଞ୍ଚ x ୧.୬୯ ଇଞ୍ଚର। ଏତେ ଛୋଟ ହୋଇଥିଲେ ବି ଏଥିରେ ପ୍ରତ୍ୟେକ ଜିନିଷ ଖଞ୍ଜାଯାଇଛି ଏବଂ ଏହା କାମ ବି କରୁଛି। ସାଇ ତିରୁମାଲାନିଧି ହେଉଛନ୍ତି ଜଣେ ଇଞ୍ଜିନିୟର। ତେଣୁ ଏତେ ଛୋଟ ୱାଶିଂ ମେଶିନକୁ ସେ ବେଶ୍ ସୁନ୍ଦରଭାବେ ତିଆରି କରିଛନ୍ତି। ଅବିକଳ ୱାଶିଂ ମେଶିନ ଭଳି ଏଥିରେ ଛୋଟ କପଡା, ଡିଟରଜେଣ୍ଟ ଓ ପାଣି ପକାଇଲେ ତାହା କପଡାକୁ ସଫା କରିବା ପରେ ଏଥିରେ ସଂଯୁକ୍ତ ଥିବା ପାଇପ୍ ଯୋଗେ ମଇଳା ପାଣି ବାହାରକୁ ବି ଛାଡୁଛି। ସାଇ ତାଙ୍କର ଏହି ଛୋଟ ୱାଶିଂ ମେଶିନ କିପରି କାମ କରୁଛି ତାହାକୁ ସୋସିଆଲ ମିଡିଆରେ ପ୍ରଦର୍ଶିତ କରାଇଛନ୍ତି। ତେବେ ଏତେ ଛୋଟ ହୋଇଥିବାରୁ ଏବେ ଏହି ମେଶିନଟି ସବୁଠୁ ଛୋଟ ୱାଶିଂ ମେଶିନ ଭେବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି।

## ଏଥରର ?

- ଉତ୍ତରପୂର୍ବର କେଉଁ ରାଜ୍ୟରେ ବିହୁ ପର୍ବ ଧୁମ୍‌ଧାମ୍‌ରେ ପାଳନ କରାଯାଏ ?
- ମୁମ୍ବାଇର ଗେଟ୍ ୱେ ଅଫ୍ ଇଣ୍ଡିଆର ଡିଜାଇନ୍ କିଏ କରିଥିଲେ ?
- କୁଚୁପୁଡ଼ି କେଉଁ ରାଜ୍ୟର ମୁଖ୍ୟ ଲୋକନୃତ୍ୟ ?
- ବିହାର ଓ ପଶ୍ଚିମବଙ୍ଗ ମୁଖ୍ୟତଃ କେଉଁ ପେଣ୍ଟିଂ ନିମନ୍ତେ ପ୍ରସିଦ୍ଧ ?
- କୋଲକାତାର କାଳିଘାଟ ପେଣ୍ଟିଂ ପ୍ରଥମେ କେଉଁ ମସିହାରେ ଲୋକପ୍ରିୟତା ହାସଲ କରିଥିଲା ?

## ଗତଥରର ଉ ତ୍ତ ର

- ଆନ୍ଧ୍ରପ୍ରଦେଶ
- କର୍ନାଟକ
- ମଣିପୁର
- ବୋଧୀ ଟ୍ରି
- ୧୯୧୭

## କି ବି ତା



### ପବନ ସୁତ

ହେ ପବନ ସୁତ ଶ୍ରୀରାମଙ୍କ ଦୂତ
ଭକ୍ତଶ୍ରେଷ୍ଠ ହନୁମାନ
କୋଟି କୋଟି ଭକ୍ତ ତୁମ ପାଦ ପୂଜି
କରିଥାନ୍ତି ଗୁଣଗାନ।
ତୁମେ ମହାତ୍ୟାଗୀ ପରମ ବୈରାଗୀ
ପୁରୁଷୋତ୍ତମଙ୍କ ଦାସ
ପବିତ୍ର ମନରେ ପୂଜିଲେ ତୁମକୁ
ସଙ୍କଟ ହୁଅଇ ନାଶ।
ଭୂତ ପିଶାଚ ଯେ ବହୁ ଦୂରେ ଯାନ୍ତି
କରିଣ ତୁମକୁ ଭୟ
ତୁମେ ଥିଲେ ପ୍ରଭୁ ଭକତ ହୃଦୟେ
ହୁଏ ତା' ସବୁଠି ଜୟ।
ଜନମ ଦିନରେ ତୁମ ପାଦେ ପ୍ରଭୁ
କରୁଅଛି ପ୍ରଣିପାତ
ଶରଣାଗତର ମଥାପରେ ପ୍ରଭୁ
ରଖିଥାଅ ସଦା ହାତ।

**– ପ୍ରଦୀପ୍ତ କୁମାର ଦାସ**
ମୋ: ୮୫୯୪୮୮୫୮୯୮

### ଭୁଲିଗଲଣି କି ମନରୁ

ଜାନୁୟାରୀ ନୁହେଁ ଆମ ନୂଆବର୍ଷ
ମିଛରେ ସଭିଏଁ ପାଗଳ
ଭୋଜି କରିବାକୁ ମାରୁଛନ୍ତି କେତେ
ନିରୀହ କୁକୁଡ଼ା ଛାଗଳ!
ଓଡ଼ିଆ ପାଞ୍ଜିରେ ଲେଖା ହୋଇଅଛି
ପଣା ସଙ୍କରାନ୍ତି ଦିନରୁ
ଓଡ଼ିଆଙ୍କ ନୂଆ ବରଷ ପାଳନ
ଭୁଲିଗଲଣି କି ମନରୁ!
ମିଛରେ କାହିଁକି ଅବୁଝା ହେଉଛ
ପାଠପଢ଼ା ପିଲା ହୋଇକି
ପଣା ସଙ୍କରାନ୍ତି କରିବା ପାଳନ
ବେଲ,ଗୁଡ଼ ପଣା ପିଇକି!
ରାମଭକ୍ତ ହନୁମାନଙ୍କୁ ସଭିଏଁ
ମିଶିକି କରିବା ଭକତି
ତାଙ୍କ ଦୟା ହେଲେ ଆମକୁ ଜୀବନେ
ମିଳିବ ଅପାର ଶକତି!

**– ଜଗଦୀଶ ସାହୁ**
ମୋ: ୯୦୭୮୧୮୫୬୧୬

### ଓଡ଼ିଆ ନବବର୍ଷ

ବିଷୁବ ପରବ ଗ୍ରୀଷ୍ମ ମଧ୍ୟେ ଆସେ
ଓଡ଼ିଆର ନବବର୍ଷ,
ପ୍ରତି ଓଡ଼ିଆର ପ୍ରାଣେ ଭରିଦିଏ
ଆନନ୍ଦ ଉତ୍ସାହ ହର୍ଷ।
ବିଷୁବ ମେଳଣ ଠାକୁରାଣୀ ବେଢ଼ା
ହାତେକାର ମାଟି ଘୋଡ଼ା,
ଆସ୍ଥାନରେ ଦେବୀ ଝଲସୁ ଥିବେରେ
ତରାଟ ଫୁଲର ତୋଡ଼ା।
ଦ୍ୱିପ୍ରହର ବେଲପଣା ତରଭୁଜ
ବେଳ ବୁଢ଼େ ଦହିବରା,
ସଞ୍ଜୁଆଳି ନଈପଠାରେ ଭ୍ରମଣ
ଗ୍ରୀଷ୍ମରେ ଟିକେ ନିଆରା।
ନୂଆ ମେଘ ପାଇ ଉତ୍ତପ୍ତ ଧରଣୀ
ମାଦକ ବାସ୍ନାରେ ଭରେ,
ସେ ସୁଖର ଗାଥା ଭାଷାରେ ନ ଫୁଟେ
ସେଇଠି ହିଁ ଗ୍ରୀଷ୍ମ ହାରେ।

**– ଶିବ ପ୍ରସାଦ ରାଉତ**
ବଚ୍ଛଦା, ବାସୁଦେବପୁର, ଭଦ୍ରକ
ମୋ: ୯୪୩୭୭୯୬୬୨୧

### ଭୁଲିବାନି ନବବର୍ଷ

ଆଜି ସେହିଦିନ ଆସିଅଛି ପରା
ଆମ ପାଇଁ ଶୁଭ ଦିନ
ଗୋଟିଏ ଦିନରେ ପଣା ସଙ୍କରାନ୍ତି
ହନୁମାନଙ୍କର ଜନ୍ମ।
ଚଉରା ମୂଳରେ ଠେକିକୁ ଟୋଳି
କରିବା ଯେ ଜଳ ଛାୟା
ଶୀତଳତା ଦେବା ବୃନ୍ଦାବତୀଙ୍କୁ
ଉତ୍ତାପୁ ପାଇବେ ରକ୍ଷା।
ସୂର୍ଯ୍ୟଙ୍କର ଏ ପ୍ରଖର କିରଣେ
ଉତ୍ତପ୍ତ ଧରଣୀ ରାଣୀ
ନୂତନ ପାଞ୍ଜିର ଆରମ୍ଭ ହୁଏ
ମେରୁ ଯାତ୍ରା ସରିଲାଣି।
ଆଜିର ଦିନରେ ପ୍ରସାଦ ନାମେ
ପଣା ହୁଅଇ ପ୍ରସ୍ତୁତ
ପଣା ସଂକ୍ରାନ୍ତି ନାମଟି ତାହାର
ସେଥିଲାଗି ପରା ଖ୍ୟାତ।

**– ଦୀପାଳି ଦିପାନ୍ୱିତା ସିଂହ**
ସିମିନଇ, ଢେଙ୍କାନାଳ
ମୋ: ୭୬୦୯୦୦୯୮୯୬

## କହିଲ ଦେଖି

ଆସିଯାଏ ଯେବେ ବୈଶାଖ ମାସ
ପ୍ରତି ଓଡ଼ିଆଙ୍କ ମନ ହରସ
କ୍ୟାଲେଣ୍ଡର ପାଞ୍ଜି ସବୁ ବଦଳେ
ନୂଆକରି ସବୁ ଗଣନା ହୁଏ
ଧରାକୁ ଆସଇ ନୂତନ ହୋଇ
କିଏ ସେ ପାରିବ ମୋ ନାମ କହି ?

**ଉ– ଓଡ଼ିଆ ନବବର୍ଷ**




ବେଲ କଦଳୀକୁ ଛେନା ନଡ଼ିଆ
ପିଉଥିଲେ ତାକୁ ଲାଗେ ବଢ଼ିଆ
ବୈଶାଖ ମାସର ପ୍ରଥମ ଦିନ
ବହୁତ ପ୍ରସିଦ୍ଧ ତାହାରି ନାମ
ପିଇଦେଲେ ତାକୁ ପେଟଟି ଶାନ୍ତି
ଶରୀରରୁ ଦୂର ହୁଅଇ କ୍ଳାନ୍ତି
ଭାରି ସୁଆଦିଆ ପାନୀୟଟିଏ
ନାମଟି ତାହାର କହିବ କିଏ ?

**ଉ– ପଣା**



ମା'ଙ୍କ ଘଟକୁ ଧରି ମୁଣ୍ଡରେ
ଚାଲୁଥାନ୍ତି ସିଏ ଗାଁ ଦାଣ୍ଡରେ
ହେଉଥାଉ ଯେତେ ପ୍ରଖର ଖରା
ଖାଲି ପାଦରେ ସିଏ ଚାଲନ୍ତି ପରା
ଦେବୀଙ୍କ ଅଖଣ୍ଡ ବିଶ୍ୱାସ ନେଇ
ସମର୍ପଣ କରନ୍ତି ତାଙ୍କରି ପାଇଁ
ଚୈତ୍ରମାସରୁ ତାହା ଆରମ୍ଭ ହୋଇ
ପଣାସଂକ୍ରାନ୍ତିରେ ଶେଷ ହୁଅଇ
ଘଣ୍ଟ ବଜେଇ ବୁଲନ୍ତି ସିଏ
ନାମଟି ତାଙ୍କର କହିବ କିଏ ?

**ଉ– ଘଣ୍ଟ ପାଟୁଆ**



ଚଉଁରା ଉପରେ ପାଏସେ ଶୋଭା
ସତେ ସଜାଉଛି ତୁଳସୀଗଭା
ମାଟିରେ ତିଆରି ଠେକିଟେ ସିଏ
ତଳପଟେ ତା'ର କଣାଟେ ରୁହେ
ସେ ଠେକି ଭିତରେ ଦିଅନ୍ତି ପଣା
ଚଉଁରାକୁ ଦିଏ ସେ ଥିବାରୁ କଣା
ବୈଶାଖ ମାସରେ ଲାଗଇ ସିଏ
ନାମଟି ତାହାର କହିବ କିଏ ?


**ଉ– ବସନ୍ତରାଠେକି**



**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳ ହାଟ, ଯାଜପୁର
ମୋ: ୮୩୧୦୩୨୮୩୪୫

## ଜଣା ଅଜଣା






# ଜଙ୍ଗଲ ନ ଥିବା ଦେଶ

ପିଲାଏ, ତୁମେମାନେ ଜଙ୍ଗଲର ମହତ୍ତ୍ୱ ବିଷୟରେ ନିଶ୍ଚୟ ଜାଣିଥିବ। ଯଦି ଏହା ନ ରହିବ ତେବେ ଆମର ପରିବେଶ ବିଶେଷ ଭାବରେ ପ୍ରଭାବିତ ହେବ। ତା'ସହ ବର୍ଷା ହେବାରେ ଅନିୟମିତତା ଦେଖାଦେବ। ତେଣୁ ଜଙ୍ଗଲ ସୁରକ୍ଷାକୁ ଏବେ ସବୁଦେଶରେ ପ୍ରାଥମିକତା ଦିଆଯାଇଛି। ହେଲେ ବିଶ୍ୱରେ ଏଭଳି କେତେକ ଦେଶ ଅଛି, ଯେଉଁଠି ଜଙ୍ଗଲ ଦେଖିବାକୁ ମିଳି ନ ଥାଏ। ଏକଥା ପ୍ରାୟ ଆମେ ଜାଣିଛେ ଯେ ମରୁଭୂମି ଅଞ୍ଚଳରେ ବୃକ୍ଷଲତା କମ୍ ଦେଖାଯାଆନ୍ତି। ଆଦୌ ଜଙ୍ଗଲ ନ ଥିବା ଦେଶଟିର ନାଁ ମଧ୍ୟ ତୁମେମାନେ ଶୁଣିଥିବ। ଏହି ଦେଶଟି ହେଲା କାତାର। ଏସିଆ ମହାଦେଶର ପଶ୍ଚିମ ଭାଗରେ ଉକ୍ତ ଦେଶ ଅବସ୍ଥିତ। ଏଠାରେ ସିନା ଜଙ୍ଗଲ ନାହିଁ, କିନ୍ତୁ ଏହି ଦେଶକୁ ଅନ୍ୟତମ ଧନୀ ଦେଶ ଭାବରେ ଗଣନା କରାଯାଏ। ଏହାର ଚାରିପଟରେ ମରୁଭୂମି ଏବଂ ସମୁଦ୍ର ଘେରି ରହିଛି। ପୂର୍ବରୁ ଏହି ଦେଶ ବ୍ରିଟିଶମାନଙ୍କ ଦ୍ୱାରା ଶାସିତ ହେଉଥିଲା। କିନ୍ତୁ ୧୯୭୧ରେ କାତାର ସ୍ୱାଧୀନତା ହାସଲ କରିବାରେ ସକ୍ଷମ ହୋଇଥିଲା। ଉକ୍ତ ଦେଶରେ ମୁସଲିମ୍ ସମ୍ପ୍ରଦାୟର ଲୋକ ବେଶି ବସବାସ କରନ୍ତି। ଏହାର ମାତୃଭାଷା ଆରବିକ୍। ଏହି ଦେଶର ବିମାନ ସଂସ୍ଥା ପୃଥିବୀରେ ବେଶ୍ ପ୍ରଶଂସା ଲାଭ କରିଛି।

# ରାଧାରମଣ ମନ୍ଦିର

ମନ୍ଦିର ହେଉଛି ଏକ ଭକ୍ତିମୟ ସ୍ଥାନ। ଏହାର ପରିସରରେ ପ୍ରବେଶ କଲେ ମନରେ ଭକ୍ତିଭାବନା ଆସିଥାଏ। ଉତ୍ତର ପ୍ରଦେଶର ବୃନ୍ଦାବନରେ ରହିଛି ରାଧାରମଣ ମନ୍ଦିର। ଏହା ଭିତରେ ଶାଳଗ୍ରାମଙ୍କୁ ପୂଜାର୍ଚ୍ଚନା କରାଯାଏ। ଏହି ମନ୍ଦିର ପରିସରରେ ଏକ ବିଶାଳ ଗୃହ ରହିଛି ଯେଉଁଠାରେ ଶ୍ରୀକୃଷ୍ଣଙ୍କର ଏକ ମୂର୍ତ୍ତି ପୂଜା ପାଉଛନ୍ତି। ଉକ୍ତ ମନ୍ଦିରର ଏକ ବିଶେଷତ୍ୱ ରହିଛି । ପ୍ରାୟ ୫୦୦ବର୍ଷ ହେବ ଏହି ମନ୍ଦିରରେ ଏକ ଚୁଲା ଅହରହ ଜଳିଆସୁଛି । ଏହି ଚୁଲାରେ ଭଗବାନ୍‌ଙ୍କ ଲାଗି ପ୍ରସାଦ ପ୍ରସ୍ତୁତ ହୁଏ। ମନ୍ଦିରରେ ଦୁଇଥର ପ୍ରସାଦ ରନ୍ଧା ହୋଇଥାଏ। ଗୋଟିଏ ପ୍ରସାଦ ଖରାବେଳେ ପ୍ରସ୍ତୁତ ହେଉଥିବା ବେଳେ ରାତ୍ର ପ୍ରସାଦରେ କଚୋଡ଼ି,ପୁରି,ମାଲପୁଆ ଆଦି ରହିଥାଏ। ଏହି ପୁରାତନ ମନ୍ଦିରରେ ଏକ ପରମ୍ପରା ରହିଛି। ଏଠାରେ କାଠରେ କାଠକୁ ଘଷି ନିଆଁ ଉତ୍ପନ୍ନ କରାଯାଏ। କେବଳ ସେତିକି ନୁହେଁ, ଏହି ମନ୍ଦିରରେ ଦିଆସିଲି ବ୍ୟବହାର କରାଯାଏନା। ଯେତେବେଳେ ରୋଷେଇ ପାଇଁ ନିଆଁର ଆବଶ୍ୟକତା ପଡେ, ସେତେବେଳେ କାଠକୁ କାଠରେ ଘଷି ନିଆଁ ସୃଷ୍ଟି କରାଯାଏ।

# ସବୁଠାରୁ ଦାମୀ ଫୁଲ

ସୁନ୍ଦର ଫୁଲ ପ୍ରାୟ ସମସ୍ତଙ୍କର ମନମୋହି ନେଇଥାଏ। ଏହାର ସୁନ୍ଦରତା ଏବଂ ବାସ୍ନା ଅନେକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ପୂଜାପାଠ, ଉତ୍ସବ, ବିବାହ ଆଦିରେ ଫୁଲର ଆବଶ୍ୟକତା ପଡିଥାଏ। ବିଭିନ୍ନ ପ୍ରକାର ଫୁଲ ବଜାରରେ ଉପଲବ୍ଧ। ଆବଶ୍ୟକ ପଡିଲେ ସେଗୁଡିକୁ କିଣିବାକୁ ପଡିଥାଏ। ଫୁଲ ଚାଷ ଅନେକଙ୍କ ପାଇଁ ଆୟର ମୁଖ୍ୟ ଉତ୍ସ ଭାବରେ ମଧ୍ୟ ଏବେ ଦେଖିବାକୁ ମିଳୁଛି। ଆମ ଦେଶର ଅନେକ ଫୁଲଚାଷୀ ବିଦେଶକୁ ଫୁଲ ରପ୍ତାନି କରୁଛନ୍ତି। ଗୋଟିଏ ଫୁଲର ଦାମ୍ କ'ଣ ଲକ୍ଷାଧିକ ଟଙ୍କା ହୋଇପାରେ ? ଏକଥା ଶୁଣିଲେ ଯେ କେହି ବି ଆଶ୍ଚର୍ଯ୍ୟ ହେବ। ହେଲେ ବିଶ୍ୱରେ ଏଭଳି ଏକ ଫୁଲ ଅଛି ଯାହାର ଦାମ ଶୁଣିଲେ ଅନେକେ ବିଶ୍ୱାସ କରିବେ ନାହିଁ। ସେମିତି ଏକ ଫୁଲ ହେଲା ସେନ୍‌ଜେନ ନନ୍‌କେ ଅର୍କିଡ। ଏହି ଫୁଲର ଦାମ୍ ପ୍ରାୟ ୨୯୦,୦୦୦ଡଲାର।





# ସିମେଣ୍ଟ ସିଟି

କେତେକ ସ୍ୱତନ୍ତ୍ରତା ପାଇଁ ଅନେକ ସହରକୁ ଭିନ୍ନ ନାମରେ ନାମିତ କରାଯାଇଥାଏ। ଏଭଳି କଥା କାହିଁ କେବେଠାରୁ ପ୍ରଚଳିତ। ଆମ ଦେଶରେ ପ୍ରାୟ ୭୦୦୦ରୁ ଅଧିକ ସହର ରହିଛି। ବିଭିନ୍ନ ସହରରେ ଅନେକ ପ୍ରକାର କଳକାରଖାନା ରହିଛି। ସେଗୁଡିକରୁ ଉତ୍ପାଦିତ ଦ୍ରବ୍ୟ ଦେଶ ବିଦେଶକୁ ପଠାଯାଇଥାଏ। ଆମ ଦେଶରେ ଏଭଳି ଏକ ସହର ରହିଛି ଯାହା ସିମେଣ୍ଟ ଉତ୍ପାଦନ ପାଇଁ ପ୍ରସିଦ୍ଧ। ଏଥିପାଇଁ ଏହାକୁ 'ସିମେଣ୍ଟ ସିଟି' ଭାବେ ଅଭିହିତ କରାଯାଇଛି। ସବୁଠାରୁ ଖାସ୍ କଥା ହେଲା, ଆମ ଦେଶର ପ୍ରାୟ ସମସ୍ତ ରାଜ୍ୟକୁ ଏହି ସହରରୁ ହିଁ ସିମେଣ୍ଟ ପଠାଯାଇଥାଏ। ଉକ୍ତ ସହରଟି ହେଲା ସତ୍‌ନା। ମଧ୍ୟପ୍ରଦେଶରେ ଅବସ୍ଥିତ ଉକ୍ତ ସହରରେ ପ୍ରାୟ ଅଧିକାଂଶ କଳକାରଖାନାରୁ ସିମେଣ୍ଟ ଉତ୍ପାଦିତ ହୋଇଥାଏ। କେବଳ ସେତିକି ନୁହେଁ, ଏହି ସହରରେ ମଧ୍ୟ ସିମେଣ୍ଟ ପାଇଁ ଆବଶ୍ୟକ ପଡୁଥିବା ଚୂନ ପ୍ରସ୍ତୁତ କରାଯାଇଥାଏ। ଏହି ସହର ସିମେଣ୍ଟ ଏବଂ ଚୂନ ଉତ୍ପାଦନ ପାଇଁ ପ୍ରସିଦ୍ଧି ଲାଭ କରିଥିଲେ ମଧ୍ୟ ଏହାର ସୌନ୍ଦର୍ଯ୍ୟ ବେଶ୍ ଆକର୍ଷଣୀୟ।

# ଆଇନା



**ପ୍ରତ୍ୟାଶା ମେହେର**
୯ ବର୍ଷ/ସୋନପୁର

**ସ୍ୱୟଂଶ୍ରୀ ଉତ୍କଳିକା**
୫ ବର୍ଷ/ ଅନୁଗୋଳ

